# NATIONAL NEWS BULLETIN (ODIA)

**21 June - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ଭାରତ ସମେତ ସାରା ବିଶ୍ୱରେ ଆଜି ପାଳିତ ହେଉଛି ଦଶମ ଆନ୍ତର୍ଜାତୀୟ ଯୋଗଦିବସ ।

\- ଶ୍ରୀନଗରରେ ଆୟୋଜିତ ମୁଖ୍ୟ କାର୍ଯ୍ୟକ୍ରମରେ ଯୋଗଦେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ୍ର କେଜରିୱାଲଙ୍କ ଜାମିନ ଉପରେ ରୋକ୍ ଲଗାଇଲେ ସୁପ୍ରିମକୋର୍ଟ ।

- ଚଳିତ ଆର୍ଥିକ ବର୍ଷ ନିମନ୍ତେ ପୂର୍ଣ୍ଣାଙ୍ଗ ବଜେଟ୍ ପ୍ରସ୍ତୁତି ପୂର୍ବରୁ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ବୈଠକ ।

- ନିଟ୍-ୟୁଜି ମେଡ଼ିକାଲ କାଉନ୍‌ସେଲିଂ ପ୍ରକ୍ରିୟା ଉପରେ ନିଷେଧାଦେଶ ଜାରି କରିବାକୁ ପ୍ରତ୍ୟାଖାନ କଲେ ସର୍ବୋଚ୍ଚ ନ୍ୟାୟାଳୟ ।

ଏବଂ

- ଆଇସିସି ଟି-୨୦ କ୍ରିକେଟ ବିଶ୍ୱକପ୍‌ରେ ବାଂଲାଦେଶକୁ ପରାସ୍ତ କଲା ଅଷ୍ଟ୍ରେଲିଆ ।

# ପିଏମ୍-ଯୋଗ ଦିବସ

ସାରା ବିଶ୍ୱରେ ଆଜି ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଛି । ଭାରତରେ ଯୋଗଦିବସର ମୁଖ୍ୟ ସମାରୋହ ଜାମ୍ମୁ-କାଶ୍ମୀରର ଶ୍ରୀନଗରସ୍ଥିତ ସେର୍-ଏ କାଶ୍ମୀର ଆନ୍ତର୍ଜାତୀକ ସମ୍ମିଳନୀ କେନ୍ଦ୍ରରେ ଆୟୋଜିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରୀନଗରରେ ଏହି ଯୋଗ ସମାରୋହର ନେତୃତ୍ୱ ନେଇଥିଲେ । କାର୍ଯ୍ୟକ୍ରମରେ ଜାମ୍ମୁ-କାଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନା, କେନ୍ଦ୍ରମନ୍ତ୍ରୀ ପ୍ରତାପ ରାଓ ଗଣପତ ରାଓ ଯାଦବ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଭାଗ ନେଇଥିଲେ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଯୋଗାଭ୍ୟାସରେ ସାମିଲ ହୋଇଥିଲେ । ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଜୀବନରେ ଶାରିରୀକ, ମାନସିକ ଏବଂ ଆଧ୍ୟାତ୍ମିକ ବିକାଶ କ୍ଷେତ୍ରରେ ଯୋଗର ଭୂମିକାକୁ ଗୁରୁତ୍ୱ ଦିଆଯାଉଛି । ସେ କହିଥିଲେ ଏବେ ସାରା ବିଶ୍ୱରେ ଅଧିକରୁ ଅଧିକ ଲୋକ ଯୋଗକୁ ଆପଣାଉଛନ୍ତି । ଲୋକମାନେ ଯୋଗର ଉପକାରିତା ଜାଣିବା ପରେ ଏବଂ ଅନୁଭବ କରିବା ପରେ ଏହାପ୍ରତି ଆକୃଷ୍ଟ ହେଉଛନ୍ତି । ଶ୍ରୀ ମୋଦୀ କହିଛନ୍ତି ବିଶ୍ୱର ନେତାମାନେ ତାଙ୍କ ସହ ଆଲୋଚନା ସମୟରେ ମୁଖ୍ୟତଃ ଯୋଗ ବିଷୟରେ ଚର୍ଚ୍ଚା କରିଥାନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ୨୦୧୫ରେ ତୁର୍କମେନିସ୍ତାନ ଗସ୍ତ ସମ୍ପର୍କରେ କହିଥିଲେ ।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ତୁର୍କମେନିସ୍ତାନରେ ସରକାରୀ ମେଡ଼ିକାଲ ବିଶ୍ୱବିଦ୍ୟାଳୟରେ ଯୋଗ ଚିକିତ୍ସାକୁ ସାମିଲ କରାଯାଇଛି । ସାଉଦୀଆରବ ମଧ୍ୟ ଦେଶର ଶିକ୍ଷା ବ୍ୟବସ୍ଥାରେ ଯୋଗକୁ ଏକ ପ୍ରମୁଖ

ଅଂଶ ଭାବେ ଗ୍ରହଣ କରିବା ସହ ମଙ୍ଗୋଲିଆର ଯୋଗ ଫାଉଣ୍ଡେସନ ସେଠାରେ ଯୋଗ ବିଦ୍ୟାଳୟ ଖୋଲିଛନ୍ତି । ୟୁରୋପ ମହାଦେଶରେ ଯୋଗର ଗ୍ରହଣୀୟତା ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି ଏପର୍ଯ୍ୟନ୍ତ ଦେଢ଼କୋଟିରୁ ଅଧିକ ଜର୍ମାନୀ ନାଗରିକ ଯୋଗଭ୍ୟାସ କରି ସାରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି ଏବେ ବିଶ୍ୱରେ ଯୋଗ ଉପରେ ଗବେଷଣା ହୋଇଛି ଏବଂ ପୂର୍ବରୁ ମଧ୍ୟ ଅନେକ ଗୁଡ଼ିଏ ଗବେଷଣା ନିବନ୍ଧ ପ୍ରକାଶ ପାଇସାରିଛି ।

ଗତ ୧୦ବର୍ଷରେ ଯୋଗର ବ୍ୟାପକ ଲୋକପ୍ରିୟତା ଯୋଗୁଁ ଅର୍ଥ ବ୍ୟବସ୍ଥାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯୋଗ ପର୍ଯ୍ୟଟନ ପ୍ରତି ଲୋକମାନେ ଆକୃଷ୍ଟ ହେଉଛନ୍ତି ଏବଂ ସେମାନେ ତାହା ଶିଖିବାକୁ ଚେଷ୍ଟା କରୁଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆସିବା ଫଳରେ ଦେଶର ଯୁବକମାନଙ୍କୁ ରୋଜଗାର ମିଳିବାର ସମ୍ଭାବନା ରହିଛି । ଚଳିତବର୍ଷ ଆନ୍ତର୍ଜାତୀୟ ଯୋଗ ଦିବସର ବାର୍ତ୍ତା ରହିଛି 'ନିଜ ସହ ସମାଜ ପାଇଁ ଯୋଗ' । ପ୍ରଧାନମନ୍ତ୍ରୀ କହିଛନ୍ତି ବିଶ୍ୱର କଲ୍ୟାଣ ପାଇଁ ଯୋଗ ଏବେ ଏକ ଶକ୍ତିଶାଳୀ ମାଧ୍ୟମ ପାଲଟିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଦେଶର ସମସ୍ତ ସରପଞ୍ଚମାନଙ୍କୁ ତୃଣମୂଳ ସ୍ତରରେ ଏବଂ ଗ୍ରାମୀଣ ଅଞ୍ଚଳରେ ଯୋଗର ପ୍ରଚାର ପ୍ରସାର ପାଇଁ ପଦକ୍ଷେପ ନେବାକୁ ଆହ୍ୱାନ ଦେଇଛନ୍ତି ।

## ଯୋଗ ଦିବସ-ପ୍ରେସିଡେଣ୍ଟ

ଦଶମ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମସ୍ତ ଭାରତୀୟ ଓ ବିଶ୍ୱ ସମୁଦାୟକୁ ଶୁଭେଚ୍ଛା ଜଣାଇଛନ୍ତି ।

ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ଜରିଆରେ ରାଷ୍ଟ୍ରପତି କହିଛନ୍ତି ଯୋଗ ସାରା ବିଶ୍ୱରେ ଭାରତକୁ ଏକ ସ୍ୱତନ୍ତ ପରିଚୟ ଦେଇଛି । ଆଧୁନିକ ଯୁଗରେ ପରିବର୍ତ୍ତିତ ଜୀବନଶୈଳୀ ସହ ଜଡିତ ସମସ୍ୟାଗୁଡ଼ିକୁ ଦୂର କରିବା ନିମନ୍ତେ ଯୋଗର ଗୁରୁତ୍ୱ ବୃଦ୍ଧି ପାଇଥିବା ରାଷ୍ଟ୍ରପତି କହିଛନ୍ତି । ସେ କହିଛନ୍ତି ଜୀବନରେ ଶାରିରୀକ ଏବଂ ମାନସିକ ସ୍ୱାସ୍ଥ୍ୟ ତଥା ଆଧ୍ୟାତ୍ମିକ ବିକାଶ ନିମନ୍ତେ ଯୋଗ ହିଁ ଏକମାତ୍ର ଉପାୟ । ପ୍ରତ୍ୟେକ ଦିନ ସମସ୍ତେ ଯୋଗାଭ୍ୟାସ କରିବା ଲାଗି ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି ।

## ଯୋଗ-ଷ୍ଟେଟ୍ସ

ଦଶମ ଅନ୍ତର୍ଜାତୀୟ ଯୋଗ ଦିବସ ଦେଶର ବିଭିନ୍ନ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ସମେତ ଅନ୍ୟାନ୍ୟ ସ୍ଥାନ ମାନଙ୍କରେ ପାଳିତ ହୋଇଛି । ସିକ୍କିମର ରାଜଧାନୀ ଗ୍ୟାଙ୍ଗଟକ୍‌ର ପଲଜୋର ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ରାଜ୍ୟପାଳ ଶ୍ରୀ ଆଚାର୍ଯ୍ୟ ଶାରିରୀକ ଏବଂ ମାନସିକ ସ୍ଥିରତା ପାଇଁ ଯୋଗର ମହତ୍ୱ ସମ୍ପର୍କରେ କହିଥିଲେ । ସେଠାରେ ଏକ ଯୋଗାଭ୍ୟାସ ଅଧିବେସନ ମଧ୍ୟ ଆୟୋଜିତ ହୋଇଥିଲା ।

ଅରୁଣାଚଳ ପ୍ରଦେଶରେ ଯୋଗଦିବସ ଅବସରରେ ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏବଂ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଇଟାନଗରଠାରେ ରାଜ୍ୟ ବିଧାନସଭାରେ ଯୋଗ ଅଧିବେଶନ ଆୟୋଜନ

କରାଯାଇଥିଲା । ଏହାଛଡା ତୱାଙ୍ଗରେ ଭାରତୀୟ ସେନା ସହଯୋଗରେ ଯୋଗଦିବସ ପାଳନ କରାଯାଇଛି ।

ମଣିପୁରର ଇମ୍ଫାଲସ୍ଥିତ ରାଜଭବନରେ ଯୋଗଦିବସ ପାଳିତ ହୋଇଛି । ରାଜ୍ୟପାଳ ଅନୁସୂୟା ଉଇକେ ଏବଂ ଅନ୍ୟ ଅଧିକାରୀ କର୍ମଚାରୀମାନେ ଯୋଗ ଶିବିରରେ ଯୋଗାଭ୍ୟାସ କରିଥିଲେ । ରାଜ୍ୟର ବିଭିନ୍ନ ସ୍ଥାନରେ ଯୋଗ ସମ୍ପର୍କିତ କାର୍ଯ୍ୟକ୍ରମମାନ ଆୟୋଜିତ ହେଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

ନାଗାଲାଣ୍ଡରେ ବିଭିନ୍ନ ସରକାରୀ ସଂଗଠନ ଆସାମ ରାଇଫଲ୍ସ, ବେସରକାରୀ ସଂସ୍ଥା ଓ ସାଧାରଣ ଲୋକମାନେ ଯୋଗଦିବସ ପାଳନ କରିଛନ୍ତି । କୋହିମାଠାରେ ଯୁବବ୍ୟାପାର ଓ କ୍ରୀଡ଼ା ବିଭାଗ ପକ୍ଷରୁ ରାଷ୍ଟ୍ରୀୟ ଆୟୁଷ ମିଶନ ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟର ମିଳିତ ପ୍ରଚେଷ୍ଟାରେ ଇନ୍ଦିରାଗାନ୍ଧୀ ଷ୍ଟାଡିୟମରେ ଯୋଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

ମଧ୍ୟପ୍ରଦେଶର ବିଭିନ୍ନ ସ୍ଥାନରେ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦିପନା ମଧ୍ୟରେ ଯୋଗଦିବସ ପାଳନ କରାଯାଉଥିବାବେଳେ ଓଡ଼ିଶାରେ ରାଜଧାନୀ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ଯୋଗଦିବସ ପାଳନ କରାଯାଇଛି । ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସୁସ୍ଥ ଜୀବନ ପାଇଁ ଯୋଗର ଉପଯୋଗିତା ସମ୍ପର୍କରେ କହିଥିଲେ । ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ବିଭିନ୍ନ ସ୍ଥାନରେ ଆୟୋଜିତ ହେଉଥିବା ଯୋଗ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଜଣାପଡିଛି ।

ଉତ୍ତରପ୍ରଦେଶରେ ବଡଧରଣର ଯୋଗଦିବସ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ମଥୁରାସ୍ଥିତ ଷ୍ଟ୍ରାଇକ୍ କୋର୍ ଓ୍ୱାନରେ ସେନାଜବାନମାନଙ୍କ ସହିତ ଯୋଗ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ ।

## ଯୋଗ-ବିଦେଶ

ବାଂଲାଦେଶରେ ଭାରତୀୟ ଉଚ୍ଚାୟୁକ୍ତଙ୍କ ପକ୍ଷରୁ ଅନ୍ତର୍ଜାତୀୟ ଯୋଗଦିବସ ଅବସରରେ ଢ଼ାକାସ୍ଥିତ ନୀର୍‌ପୁରର ସହିଦ ସୁହରାବନ୍ଦୀ ଇନ୍‌ଡୋର ଷ୍ଟାଡିୟମରେ ଭବ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏଥିରେ ବାଂଲାଦେଶର ସଂସ୍କୃତି ରାଜ୍ୟମନ୍ତ୍ରୀ ନାହିର ଅଜହର ଖାନ୍ ଯୋଗ ଦେଇଥିଲେ ।

ନେପାଳରେ ଦଶମ ଆନ୍ତର୍ଜାତୀୟ ଯୋଗଦିବସରେ କାଠମାଣ୍ଡୁସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ପୋଖରାଠାରେ ଯୋଗାଭ୍ୟାସ ଶିବିର ଆୟୋଜନ କରାଯାଇଛି । ନେପାଳରେ ନିଯୁକ୍ତ ଭାରତୀୟ ରାଜଦୂତ ନବୀନ ଶ୍ରୀବାସ୍ତବ କହିଛନ୍ତି ଭାରତୀୟ ଦୂତାବାସ ଭାରତ ଏବଂ ନେପାଳର ଲୋକଙ୍କ ମଧ୍ୟରେ ସୁ-ସମ୍ପର୍କ ବୃଦ୍ଧି ଦିଗରେ ଯୋଗର ଭୂମିକାକୁ ଗୁରୁତ୍ୱ ଦେଉଛନ୍ତି ।

ଦୁବାଇରେ ଆର୍ଟ ଅଫ୍ ଲିଭିଂ ସଂସ୍ଥା ଦ୍ୱାରା ଆୟୋଜିତ ଯୋଗଦିବସ ସମାରୋହରେ ୧୫୦ରୁ ଅଧିକ ଲୋକ ଭାଗ ନେଇଥିବା ଜଣାପଡିଛି ।

ଏହି ଅବସରରେ ସେଠାରେ ଯୋଗର ଉପକାରୀତା ସମ୍ପର୍କରେ ଆଲୋଚନା କରାଯାଇଛି ।

## ଲୋକସଭା-ଯୋଗଦିବସ

ଅନ୍ତର୍ଜାତୀୟ ଯୋଗଦିବସ ଅବସରରେ ଆଜି ନୂଆଦିଲ୍ଲୀରେ ସଂସଦଭବନ ପରିସରରେ ଯୋଗାଭ୍ୟାସ ଆୟୋଜନ କରାଯାଇଥିଲା । ଲୋକସଭାର ପୂର୍ବତନ ବାଚସ୍ପତି ଓମ୍ ବିର୍ଲା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସେ ବିଶ୍ୱରେ ଯୋଗର ଗ୍ରହଣୀୟତା ବିଷୟରେ ଆଲୋଚନା କରିଥିଲେ । ସେ କହିଥିଲେ ଯୋଗାସନ ଏବଂ ଯୋଗାଭ୍ୟାସ ସମଗ୍ର ମାନବ ଜାତି ପାଇଁ ଜରୁରୀ ଅଟେ । ସେ କହିଥିଲେ ସମସ୍ତ ସାଂସ୍କୃତିକ ଏବଂ ଧାର୍ମିକ ପରିସରଠାରୁ ଯୋଗର ମହତ୍ୱ ବହୁତ ଅଧିକ ।

## ଇଡି-କେଜରିୱାଲ

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ବିରୋଧରେ ଥିବା ଅର୍ଥ ଠକେଇ ମାମଲାର ଶୁଣାଣି ନହେବା ପର୍ଯ୍ୟନ୍ତ ତାଙ୍କୁ ଜାମିନ ମିଳିବ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି । ଗତକାଲି ଦିଲ୍ଲୀର ଏକ କୋର୍ଟ ତାଙ୍କୁ ଜାମିନ ପ୍ରଦାନ ପରେ ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଏହା ବିରୁଦ୍ଧରେ ଦିଲ୍ଲୀ ହାଇକୋର୍ଟରେ ଶୁଣାଣି ହୋଇଥିଲା । ଇଡି ପକ୍ଷରୁ ତୁରନ୍ତ ଶୁଣାଣି ପାଇଁ ହୋଇଥିବା ଆବେଦନକୁ ଜଷ୍ଟିସ ସୁଧୀର କୁମାର ଜୈନ ଏବଂ ରବୀନ୍ଦର ଦୁଦେଜାଙ୍କୁ ନେଇ ଗଠିତ ଖଣ୍ଡପୀଠ ଗ୍ରହଣ କରିଥିଲେ ।

ତଳକୋର୍ଟର ରାୟ କାର୍ଯ୍ୟକାରୀ ହେବ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଥିଲେ ।

## ଫାଇନାନ୍ସ ମିନିଷ୍ଟ୍ରି

୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ପୂର୍ଣ୍ଣାଙ୍ଗ ବଜେଟ୍ ପ୍ରସ୍ତୁତି ପୂର୍ବରୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି କେତେକ କୃଷକ ସଂଗଠନର ପ୍ରତିନିଧି ଏବଂ କୃଷି ବିଶେଷଜ୍ଞମାନଙ୍କ ସହ ଆଲୋଚନା କରିଛନ୍ତି । ବୈଠକରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ, ଅର୍ଥମନ୍ତ୍ରଣାଳୟ ସଚିବ ଟି.ବି. ସୋମନାଥନ, ମୁଖ୍ୟ ଆର୍ଥିକ ପରାମର୍ଶଦାତା ବି. ଅନନ୍ତ ନାଗେଶ୍ୱରନ, ଅର୍ଥ ବିଭାଗ ସଚିବ ଏବଂ କୃଷି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହା ପୂର୍ବରୁ ଶ୍ରୀମତୀ ସୀତାରମଣ ଆର୍ଥିକ ଏବଂ ପୁଞ୍ଜି ବଜାରର ପ୍ରମୁଖ ବିଶେଷଜ୍ଞ, ଉଦ୍ୟୋଗ ଜଗତର ପ୍ରତିନିଧି ଏବଂ ବିଭିନ୍ନ ସଂଘର ପ୍ରମୁଖ ଅର୍ଥଶାସ୍ତ୍ରୀମାନଙ୍କ ସହ ଆଲୋଚନା କରିଥିଲେ ।

## ଏସ୍‌ସି-ନିଟ୍

ନିଟ୍ ୟୁଜି ମେଡ଼ିକାଲ ପ୍ରବେଶିକା ପରୀକ୍ଷାରେ ହୋଇଥିବା ଅନିୟମିତତାକୁ ଦର୍ଶାଇ କାଉନ୍‌ସେଲିଂ ପ୍ରକ୍ରିୟା ଉପରେ ନିଷେଧାଦେଶ ଜାରି କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ପ୍ରତ୍ୟାଖାନ କରିଛନ୍ତି । ଏହି ମାମଲାରେ ସୁପ୍ରିମକୋର୍ଟ ଜୁଲାଇ ୮ ତାରିଖରେ ପରବର୍ତ୍ତୀ ଶୁଣାଣି କରିବ ବୋଲି କହିଛନ୍ତି । ଏହି ପ୍ରବେଶିକା ପରୀକ୍ଷା ସହ ସମ୍ପର୍କିତ ଗ୍ରେସ୍ ମାର୍କ ମାମଲାରେ ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ ପକ୍ଷରୁ ସନ୍ତୋଷଜନକ

ଉତ୍ତର ପାଇବା ପରେ ସୁପ୍ରିମକୋର୍ଟ ନିଷେଧାଦେଶ ଦେବାକୁ ମନା କରିଛନ୍ତି । ଇତିମଧ୍ୟରେ ଗ୍ରେସ୍‌ମାର୍କ ପାଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁଣିଥରେ ଆସନ୍ତା ରବିବାରଦିନ ପରୀକ୍ଷା ଦେବାପାଇଁ ବ୍ୟବସ୍ଥା କରାଯାଇଛି । ଯଦି ସେମାନଙ୍କ ମଧ୍ୟରୁ କେହି ପରୀକ୍ଷା ନ ଦିଅନ୍ତି ସେ କ୍ଷେତ୍ରରେ ଏନ୍‌ଟିଏ ପକ୍ଷରୁ ବିନା ଗ୍ରେସ୍‌ମାର୍କରେ ର୍‍ୟାଙ୍କ କାର୍ଡ ଯୋଗାଇ ଦିଆଯିବ ବୋଲି ପୂର୍ବରୁ ସୁପ୍ରିମକୋର୍ଟଙ୍କୁ ଅବଗତ କରାଯାଇଛି ।

## କ୍ରିକେଟ୍

ଆଇସିସି ଟି-୨୦ କ୍ରିକେଟ୍ ବିଶ୍ୱକପ୍‌ର ସୁପର୍-୮ ପର୍ଯ୍ୟାୟରେ ଆଜି ଅଷ୍ଟ୍ରେଲିଆ' ବାଂଲାଦେଶକୁ ୨୮ରନ୍‌ରେ ପରାସ୍ତ କରିଛି । ଦ୍ୱିତୀୟ ଇନିଂସ୍‌ରେ ବର୍ଷା ଯୋଗୁଁ ଡି.ଏଲ୍.ଏସ୍ ନିୟମ ଅନୁଯାୟୀ ଅଷ୍ଟ୍ରେଲିଆ ବିଜୟଲାଭ କରିଛି । ଆଜି ସକାଳେ ଆଣ୍ଟିଗୁଆର ସାର୍ ଭିଭିଆନ୍ ରିଚାର୍ଟସ୍ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଟସ୍ ଜିତି ଅଷ୍ଟ୍ରେଲିଆ ଫିଲ୍ଡିଂ ପାଇଁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ବାଙ୍ଗଲାଦେଶ ୨୦ ଓଭର୍‌ରେ ୮ ୱିକେଟ୍ ବିନିମୟରେ ୧୪୦ ରନ୍ ସ୍କୋର କରିଥିଲା । ଏହାର ଜବାବରେ ଅଷ୍ଟ୍ରେଲିଆ ୧୧ଓଭର ୨ଟି ବଲ୍‌ରେ ୨ ୱିକେଟ୍ ହରାଇ ୧୦୦ ରନ୍ କରିଥିଲା । ବର୍ଷା ଯୋଗୁଁ ଖେଳ ବନ୍ଦ ହେବା ପରେ ଡି.ଏଲ୍.ଏସ୍ ନିୟମ ଅନୁଯାୟୀ ଅଷ୍ଟ୍ରେଲିଆକୁ ବିଜୟୀ ଘୋଷଣା କରାଯାଇଥିଲା ।

ଆଜି ଭାରତୀୟ ସମୟ ରାତି ୮ଟାରେ ସୁପର୍-୮ ପର୍ଯ୍ୟାୟର ଗ୍ରୁପ୍-୨ରେ ଇଂଲଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ସେଣ୍ଟ ଲୁଇସିଆସ୍ଥିତ ଡାରେନ୍ ସାମୀ ନ୍ୟାଶନାଲ୍ କ୍ରିକେଟ୍ ଷ୍ଟାଡିୟମରେ ମୁକାବିଲା ହେବ ।

ଗତକାଲି ସୁପର୍-୮ ପର୍ଯ୍ୟାୟରେ ଭାରତ ୪୭ ରନ୍‌ରେ ଆଫଗାନିସ୍ତାନକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭର୍‌ରେ ୮ ଓ୍ୱିକେଟ୍ ବିନିମୟରେ ୧୮୧ ରନ୍ ସ୍କୋର କରିଥିଲା । ଏହାର ଜବାବରେ ଆଫଗାନିସ୍ତାନ ୨୦ ଓଭର୍‌ରେ ୧୦ ଓ୍ୱିକେଟ୍ ହରାଇ ୧୩୪ ରନ୍ କରିବାକୁ ସକ୍ଷମ ହୋଇଥିଲା । ସୂର୍ଯ୍ୟକୁମାର ଯାଦବଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।